## ଗାଜର ଘାସ ସମ୍ବନ୍ଧୀୟ ସଚେତନତା ସପ୍ତାହ ପାଳନ

କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଅଗଷ୍ଟ ମାସ ୧୬ ତାରିଖରୁ ୨୨ ତାରିଖ ମଧ୍ୟରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗ୍ରାମ ଯଥା ମଳାସପଦର, ଲେପା, ପଂଚଭୂତି ଆଦି ରେ ଗାଜର ଘାସ ସମ୍ବନ୍ଧୀୟ ସଚେତନତା ସପ୍ତାହ ପାଳନ କରାଯାଇଥିଲା । ଏଥି ସହିତ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ କୃଷି ବଜ୍ଞାନ କେନ୍ଦ୍ର ଦ୍ୱାରା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ଗାଜର ଘାସ ଦମନ ଲାଗି ଏକ ସଚେତନତା ଶିବିର ଆୟୋଜିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଗାଜର ଘାସ କିପରି ପରିବେଶ ପ୍ରତି ଏକ ମୁଖ୍ୟ ସମସ୍ୟାର ରୂପ ନେଇଛି ଏବଂ ଏହା ଦ୍ୱାରା




ବ୍ୟାପୁଥିବା ବିଭିନ୍ନ ପ୍ରକାର ରୋଗ ଉପରେ ଆଲୋକପାତ କରାଯାଇଥିଲା । ପରିଶେଷରେ ଏହାକୁ ଦମନ କରିବା ପାଇଁ ବ୍ୟବହୃତ କରାଯାଉଥିବା ବିଭିନ୍ନ ଔଷଧ ଓ କମ୍ପୋଷ୍ଟ ମାଧ୍ୟମରେ ଏହାର ସଦୁପୋଯୋଗ ସମ୍ବନ୍ଧରେ ସଚେତନ କରାଯାଇଥିଲା । ଏହି ଅବସରରେ  ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ବୈଜ୍ଞାନିକ ଡଃ ମନମୋହନ ମିଶ୍ର, ଡଃ. ରବି ରତ୍ନ ଦାସ  ଅତିଥି ଭାବେ ଯୋଗ ଦେଇଥିଲେ ।

## କୃଷି ଶିକ୍ଷା ଦିବସ ପାଳନ

କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଡିସେମ୍ବର ୩ ତାରିଖରେ ଜଗନ୍ନାଥପ୍ରସାଦ ବ୍ଲକ ଅର୍ନ୍ତଗତ ଆଂଚଳିକ ମହାବିଦ୍ୟାଳୟରେ କୃଷି ଶିକ୍ଷା ଦିବସ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ କୃଷି ଶିକ୍ଷା ସମ୍ବନ୍ଧରେ ଅବଗତ କରାଯିବା ସହିତ କୃଷି ଶିକ୍ଷାକୁ ଜୀବିକା ହିସାବରେ ଗ୍ରହଣ କରିବା ପାଇଁ ଉତ୍ସାହିତ କରାଯାଇଥିଲା । କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଛାତ୍ର ଛାତ୍ରୀ ମାନଙ୍କୁ କୃଷି ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନଙ୍କ



ମଧ୍ୟରେ "କୃଷିର ଉନ୍ନତି ରେ ଦେଶର ପ୍ରଗତି" ଶୀର୍ଷକ ଏକ ରଚନା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେବା ସହିତ କୃତୀ ଛାତ୍ରଛାତ୍ରୀମାନଙ୍କୁ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସହ ଭୁବନେଶ୍ୱର ସ୍ଥିତ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅଧୀନରେ ଥିବା କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନର ପ୍ରମୁଖ ବୈଜ୍ଞାନିକ ଉପସ୍ଥିତ ଥିଲେ ।

## ବିଶ୍ୱ ମୃତ୍ତିକା ଦିବସ ପାଳନ

ଗତ ଡିସେମ୍ବର ମାସ ୫ ତାରିଖରେ ରତନପୁର ,ବ୍ରହ୍ମପୁର ଠାରେ କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ ୧, ୨ ଓ ଉପକୃଷି ନିର୍ଦ୍ଦେଶକ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଗଞ୍ଜାମଙ୍କ ମିଳିତ ଆନୁକୁଲ୍ୟରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ବେହେରା ଓ ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ଯୋଗ ଦେଇ ମାଟି ମାଆର ସୁରକ୍ଷା ଓ ମାଟି ପରୀକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଉକ୍ତ ଉତ୍ସବରେ କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ-୧ ଓ ୨ ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲା ସ୍ତରୀୟ କୃଷି ଓ ଆନୁଷଙ୍ଗିକ ବିଭାଗର ଅଧିକାରୀ, ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ଚାଷୀ ପ୍ରତିନିଧି, ସ୍ଥାନୀୟ ଜନ ପ୍ରତିନିଧି ଯୋଗଦାନ କରି ମାଟିର ସୁରକ୍ଷା, ସମନ୍ୱିତ ଖାଦ୍ୟସାର ପରିଚାଳନା, ନମୁନା ମାଟି ସଂଗ୍ରହ, ଅମ୍ଳମାଟି ପରିଚାଳନା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଚାଷୀମାନଙ୍କୁ ମୃତ୍ତିକା ପରୀକ୍ଷା, ମୃତ୍ତିକା ସଂରକ୍ଷଣ, ଅମ୍ଳୀୟ କ୍ଷାରି ମାଟିର ପରିଚାଳନା ଉପରେ ତାଲିମ୍ ଦିଆଯାଇଥିଲା । ଏହା ସହିତ କୃଷି ପ୍ରଦର୍ଶନୀ ମାଧ୍ୟମରେ ଚୀଷୀମାନଙ୍କୁ ଅବଗତ କରାଯାଇଥିଲା । ଏହି ଅବସରରେ ଜିଲ୍ଲାର ୩୦୦ ଚାଷୀଙ୍କୁ ମୃତ୍ତିକା ପରୀକ୍ଷା ନମୁନା ପତ୍ର ପ୍ରଦାନ କରାଯାଇଥିଲା ।



## ସ୍ୱଚ୍ଛ ଭାରତ ପକ୍ଷ ପାଳନ

କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ସେପ୍ଟେମ୍ବର ୧୬ ରୁ ଅକ୍ଟୋବର ୦୨ ମଧ୍ୟରେ ସ୍ୱଚ୍ଛ ଭାରତ  ପକ୍ଷ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ଗ୍ରାମ ପରିବେଶ ସଫା ରଖିବା, ଶୌଚାଳୟ ବ୍ୟବହାର କରିବା, ଗାଁ ପୋଖରୀ ସଫା ରଖିବା, ଆର୍ବଜନାକୁ ଜିଆ କୁଣ୍ଡରେ ପକାଇବା ଆଦି ବିଷୟରେ ସଚେତନ କରାଯାଇଥିଲା । ଏହା ସହ ପର୍ଯ୍ୟଟନ ସ୍ଥଳୀ, ଗାଁ ସଫା, ଶୌଚାଳୟ ନିର୍ମାଣ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପାଟୁଳୀସାହି, ଡିହପଡାଳ, ଗୋବରା, ଲେପା ଓ ଭଞ୍ଜନଗର ଆଦି ସ୍ଥାନରେ କରାଯାଇଥିଲା ।



This Newsletter is published & Owned by Sr. Scientist and Head, Krishi Vigyan Kendra, Ganjam-I, Bhanjanagar, Pin.: 761140
e-mail:kvkganjam1.ouat@gmail.com, Web : www.ganjamkvkzpdvii.org
Printed at : Information and Communication Centre, Directorate of Extension Education, OUAT, Bhubaneswar-751003

Chief Editor : Sri Lalit Kumar Mohanty

# ଋଷିକୁଲ୍ୟା

## ତ୍ରୈମାସିକ ସମାଚାର ପତ୍ରିକା

Krishi Vigyan Kendra
Ganjam-I
Orissa University of
Agriculture & Technology
Bhubaneswar

କୃଷି ବିଜ୍ଞାନ କେନ୍ଦ୍ର
ଗଞ୍ଜାମ-୧
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ନବମ ବର୍ଷ | ଜୁଲାଇ-ଡିସେମ୍ବର, ୨୦୧୭ | ଦ୍ୱିତୀୟ ଓ ତୃତୀୟ ସଂଖ୍ୟା

## ବାର୍ତ୍ତା



ଆମ ରାଜ୍ୟର ଅଧିକାଂଶ ଲୋକ କୃଷିକୁ ନିଜର ଜୀବିକା ଭାବେ ଗ୍ରହଣ କରିଥାନ୍ତି । ଜଳବାୟୁ ପରିବର୍ତ୍ତନ ଜନିତ ସମସ୍ୟା ଏବଂ ଚାଷକ୍ଷେତ୍ରରୁ ମିଳୁଥିବା ଆୟର ଅନିଶ୍ଚିତତା ଯୋଗୁଁ ଚାଷୀଭାଇମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଗଞ୍ଜାମ ପରି ଏକ କୃଷି ପ୍ରଧାନ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ତଥା କୃଷି ସଂପର୍କିତ ଆଧୁନିକ ଜ୍ଞାନ କୌଶଳର ସନ୍ଦେଶ ଚାଷୀଭାଇମାନଙ୍କ ପାଖରେ ପହଂଚାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧, ଭଞ୍ଜନଗର ତରଫରୁ ପ୍ରକାଶିତ ସମାଚାର ପତ୍ରିକା "ଋଷିକୁଲ୍ୟା" ଏକ ଆଲୋକବର୍ତ୍ତିକା ସଦୃଶ । ଏହି ପତ୍ରିକାଟି କୃଷିର ବିକାଶ ସହ କୃଷି ବିଜ୍ଞାନୀ, କୃଷି ସଂପ୍ରସାରଣ ଅଧିକାରୀ ଏବଂ ଚାଷୀ ଭାଇ ଓ ଭଉଣୀ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବ ବୋଲି ମୋର ଆଶା ଓ ବିଶ୍ୱାସ । ଏହି ପତ୍ରିକାରେ ମୁଦ୍ରିତ କୃଷିଭିତ୍ତିକ ସମାଚାର ଜିଲ୍ଲାର ବେକାର ଯୁବକ ଓ ଯୁବତୀ, କୃଷିଜୀବୀ ଓ କୃଷି ସଂପ୍ରସାରଣ ଅଧିକାରୀମାନଙ୍କୁ ଜ୍ଞାନର ପରିସୀମାକୁ ପରିବ୍ୟାପ୍ତ କରିପାରିବ ବୋଲି ମୋର ଆଶା । ସମସ୍ତ ବୈଜ୍ଞାନିକ ଓ କର୍ମଚାରୀବୃନ୍ଦଙ୍କୁ ଆନ୍ତରିକ ଧନ୍ୟବାଦ ଦେବା ସହ ମୁଁ ଏହି କୃଷି ଭିତ୍ତିକ ସମାଚାର ପତ୍ରିକା "ଋଷିକୁଲ୍ୟା"ର ସଫଳ କାମନା କରୁଅଛି ।

ପ୍ରଭାତ କୁମାର ରାଉଳ

**ଅଧକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**

## ସମ୍ପାଦନା

**ପ୍ରକାଶକ ଓ ମୁଖ୍ୟ ସମ୍ପାଦକ**

ଶ୍ରୀ ଲଳିତ କୁମାର ମହାନ୍ତି
(ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ)

**ସମ୍ପାଦନା ମଣ୍ଡଳୀ**

ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା
ଶ୍ରୀ ବିଷ୍ଣୁପଦ ଗିରି
ଡଃ. ସନ୍ତୋଷ କୁମାର ସାମନ୍ତରାୟ
ଶ୍ରୀ ମାନସ ରଞ୍ଜନ ବେହେରା
ଶ୍ରୀ ଶିତିକଣ୍ଠ ମିଶ୍ର

## ମୁଖ୍ୟ ସମ୍ପାଦକଙ୍କ କଲମରୁ



କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧ର ସମାଚାର ପତ୍ରିକା ଋଷିକୁଲ୍ୟାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସ୍ଥାନିତ କରାଯାଇଛି । କୃଷକ ଓ କୃଷିଜୀବୀ ମହିଳା ଓ ଉଦ୍ୟୋଗୀ ଯୁବକ ଯୁବତୀମାନଙ୍କୁ ଆମର ବିଭିନ୍ନ ସମୟରେ ନୂତନ କୃଷି ଜ୍ଞାନକୌଶଳ ଶିକ୍ଷା ଦେଇ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରେରଣା ଯୋଗାଉଅଛି । ଜିଲ୍ଲାରେ କାର୍ଯ୍ୟ କରୁଥିବା କୃଷି ଓ ଆନୁଷଙ୍ଗିକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ସହ ଆମର କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଭାବେ କାର୍ଯ୍ୟକରି ଜିଲ୍ଲାକୁ ଏକ ସର୍ବୋତ୍କୃଷ୍ଟ ଜିଲ୍ଲାରେ ପରିଣତ କରିବାକୁ ସର୍ବଦା ଚେଷ୍ଟିତ । କେନ୍ଦ୍ରର ବୈଜ୍ଞାନିକ ଓ ଅନ୍ୟାନ୍ୟ ଅଧିକାରୀଙ୍କ ପ୍ରଚେଷ୍ଟା ଓ କୃଷକ ମାନଙ୍କର ଅକ୍ଳାନ୍ତ ପରିଶ୍ରମ ଦିନେ ନିଶ୍ଚୟ ଆମ୍ଭର ଆଶାକୁ ପୂରଣ କରିବ । ଋଷିକୁଲ୍ୟା ପତ୍ରିକାରେ ପ୍ରକାଶିତ ବିଭିନ୍ନ କାର୍ଯ୍ୟକ୍ରମର ତଥ୍ୟ ଦ୍ୱାରା ସମସ୍ତେ ଉପକୃତ ହେବେ ।

ଲଳିତ କୁମାର ମହାନ୍ତି

**ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ**
**କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୧**

## ଧାନ ଫସଲରେ ନୂତନ ଘାସମରା ବିଷର କ୍ଷେତ୍ର ପରୀକ୍ଷଣ

ଧାନ ଗଞ୍ଜାମ ଜିଲ୍ଲା ତଥା ରାଜ୍ୟର ପ୍ରଧାନ ଫସଲ । ଗଞ୍ଜାମ ଜିଲ୍ଲାରେ ୨,୨୫,୦୦୦ ହେକ୍ଟର ଜମିରେ ଧାନଚାଷ ହେଉଛି । ଧାନ ଫସଲର ମୁଖ୍ୟ ସମସ୍ୟା ମାନଙ୍କ ମଧ୍ୟରୁ ଘାସ ଏକ ପ୍ରମୁଖ ସମସ୍ୟା । ଧାନ ଫସଲରେ ଘାସ ଦ୍ୱାରା ପ୍ରାୟ ୧୫ ରୁ ୪୦ ପ୍ରତିଶତ ଅମଳ କମ୍ ହୋଇଥାଏ । ବର୍ତମାନ ସମୟରେ ଆବଶ୍ୟକ ସଂଖ୍ୟକ ଶ୍ରମିକ ନମିଳିବାରୁ ଘାସ ଦମନ ପାଇଁ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ନୂତନ ଘାସ ମରା



ବିଷ ଯଥା- ବିସ ପାଇରେବିକସୋଡିଅମ (୨୫୦ ମି.ଲି./ହେକ୍ଟର), ପ୍ରିଟିଲାକ୍ଲୋର + ବେନ୍ସଲଫ୍ୟୁରନ୍ ମିଥାଇଲ (୧୦କି.ଗ୍ରା./ହେ.) ର କ୍ଷେତ୍ର ପରୀକ୍ଷଣ ଗଞ୍ଜାମ ଜିଲ୍ଲାର ପଦ୍ମପୁର, ପାଟୁଳିସାହି, ଫୁଲସରାପଲ୍ଲୀ ଓ ଏ.ବରିଡା ଗ୍ରାମରେ କରାଯାଇଥିଲା । ଧାନ ରୋଇବାର ୧ ଦିନ ପରେ ଘାସମରା ବିଷ ପ୍ରିଟିଲାକ୍ଲୋର + ବେନ୍ସଲଫ୍ୟୁରନ୍ ମିଥାଇଲ ଓ ୨୦ ଦିନ ପରେ ବିସ ପାଇରେବିକସୋଡିଅମର ପ୍ରୟୋଗ କରାଯାଇଥିଲା । ଏହାଦ୍ୱାରା ଘାସ ସମସ୍ୟା ଯଥାକ୍ରମେ ଶତକଡା ୮୫ ଓ ୭୫ ଭାଗ କମିଥିଲା ଓ ଅମଳ ଯଥାକ୍ରମେ ୧୨ ଓ ୧୦ ପ୍ରତିଶତ ଅଧିକ ହୋଇଥିଲା ।

## ଧାନ ଫସଲରେ ମହିଷା ରୋଗର ପରିଚାଳନା

ମହିଷା ରୋଗ ଧାନର ଏକ ମୁଖ୍ୟ କବକ ଜନିତ ରୋଗ । ଏହା ବିହନ ଓ ବାୟୁ ମାଧ୍ୟମରେ ସଂକ୍ରମଣ ହୋଇଥାଏ । ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଅଧିକ ଆର୍ଦ୍ରତା ଓ ତାପମାତ୍ରା ଯୋଗୁଁ ଏହି ରୋଗ ଅଧିକ ହୋଇଥାଏ । ଏହା ଯୋଗୁଁ ପତ୍ରରେ ବାଦାମି ରଙ୍ଗର ଆଖି ସଦୃଶ ଚିହ୍ନ ଦେଖାଯାଇ ଥାଏ ଓ ସୀସା ବାହାରିବାର ଗଣ୍ଠି



ଯାଗାରେ କଳା ଚିହ୍ନ ହୋଇ ଧାନ ଅଗାଡି ହୋଇଯାଏ । ଏହା ଫଳରେ କ୍ଷତି ହାରାହାରି ଶତକଡା ୨୫ ରୁ ୩୦ ଭାଗ ହୋଇଥାଏ । ଏହାର ପରିଚାଳନା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ ଗଞ୍ଜାମ ଜିଲ୍ଲାର ପଦ୍ମପୁର, ପାଟୁଳିସାହି, ଫୁଲସରାପଲ୍ଲୀ, ଲେପା ଓ ଏ.ବରିଡା ଗ୍ରାମରେ କରାଯାଇଥିଲା । ଏହି ପ୍ରଦର୍ଶନରେ ବିହନକୁ ଟ୍ରାଇସାଇକ୍ଲାଜୋଲ (୧ଗ୍ରା./କି.ଗ୍ରା ବିହନ) ବିଶୋଧନ କରାଯାଇଥିଲା ଓ ଆକ୍ରାନ୍ତ ପତ୍ର ସଂଖ୍ୟା ୨ ପ୍ରତିଶତରୁ ଅଧିକ ହେବା ପରେ ଟ୍ରାଇସାଇକ୍ଲାଜୋଲ (୧ଗ୍ରା./ଲି.) ସିଂଚନ କରାଯାଇଥିଲା । ଏହା ଦ୍ୱାରା ରୋଗ ୮୫ ପ୍ରତିଶତ କମିଥିଲା ବେଳେ ଧାନର ଅମଳ ହାରାହାରି ୧୬ ପ୍ରତିଶତ ବଢିଥିଲା ।

## ଭାସମାନ ମାଛ ଖାଦ୍ୟର ସଫଳ କ୍ଷେତ୍ର ପ୍ରଦର୍ଶନ

ଗଞ୍ଜାମ ଜିଲ୍ଲାରେ ପ୍ରାୟ ୧୧,୬୧୩ ହେକ୍ଟର ଜଳାଶୟରେ ମଧୁର ଜଳ ମାଛ ଚାଷ ହୋଇଥାଏ । ଯାଆଁଳ ଛାଡିବା ପୂର୍ବରୁ ପାଣି ପରୀକ୍ଷା କରିବା ସହିତ ପୋଖରୀ ପ୍ରସ୍ତୁତ କରିବା ଏବଂ ଉପଯୁକ୍ତ ପରିମାଣ ଓ ଅନୁପାତର ଯାଆଁଳ ଛାଡିବା ସହିତ ପରିପୂରକ ଖାଦ୍ୟ ପ୍ରୟୋଗ କରିବା ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର ତରଫରୁ କବିସୂର୍ଯ୍ୟନଗର ବ୍ଲକ୍ ଅନ୍ତର୍ଗତ ଏ.ବରିଡା ଗ୍ରାମରେ ଭାସମାନ ମାଛ ଖାଦ୍ୟର ଏକ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ଚାଷୀଭାଇ ମାନଙ୍କୁ ଭାସମାନ ମାଛ ଖାଦ୍ୟର ଉପଯୋଗିତା ଓ ଏହାର ବ୍ୟବହାର ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚାଷୀଭାଇ ମାନଙ୍କୁ ଭାସମାନ ମାଛ ଖାଦ୍ୟ ଯୋଗାଇଦେବା ସହିତ ଏହାର ପ୍ରୟୋଗ ପ୍ରତିଦିନ ସମୁଦାୟ ମାଛ ଶରୀର ଓଜନର ୧ ପ୍ରତିଶତ ହିସାବରେ କରିବା ପାଇଁ ଅବଗତ କରାଯାଇଥିଲା ୨୦୧୭ ମସିହା ମେ ମାସରେ ମାଛ ଅମଳ କରାଯାଇଥିଲା । ଏଥିରେ ଭାକୁର ମାଛ ହାରାହାରି



୧ କେ.ଜି ଏବଂ ରୋହି ଓ ମିରିକାଳି ମାଛ ୭୦୦-୮୦୦ଗ୍ରାମ୍ ପର୍ଯ୍ୟନ୍ତ ବଢିପାରିଥିଲେ ଯେଉଁଥିରେକି ଖାଦ୍ୟ ଆନୁପାତିକ ଶରୀର ବୃଦ୍ଧି (ଏଫ୍.ସି.ଆର) ୧.୨ ବୋଲି ହିସାବ କରାଯାଇଛି । ଉପରୋକ୍ତ ପ୍ରଣାଳୀରେ ଚାଷ କରି ଚାଷୀ ମାନେ ପ୍ରାୟ ୧୦ ମାସର ଚାଷ ଅବଧି ପରେ ହେକ୍ଟର ପ୍ରତି ୪.୨ ଟନ୍ ମାଛ ଅମଳ କରିପାରିଛନ୍ତି । ସମୁଦାୟ ଖର୍ଚ୍ଚ କୁ ବାଦ୍ ଦେଇ ଚାଷୀଭାଇମାନେ ହେକ୍ଟର ପ୍ରତି ୨.୨୦.୦୦୦ ଟଙ୍କା ଲାଭ ପାଇପାରିଛନ୍ତି । ଭାସମାନ ମାଛ ଖାଦ୍ୟର ବ୍ୟବହାର ଅତ୍ୟନ୍ତ ସହଜ ଏବଂ ଏଥିରେ ଖାଦ୍ୟ ନଷ୍ଟ ହେଉ ନଥିବାରୁ ଏହା ଚାଷୀଭାଇମାନଙ୍କ ମଧ୍ୟରେ ବେଶ୍ ଆଦୃତ ଲାଭ କରିପାରିଛି ।

## ତୈଳବୀଜ ଫସଲ ଚିନାବାଦାମର କ୍ଷେତ୍ର ପ୍ରଦର୍ଶନ

ଆମ ଜିଲ୍ଲାରେ ଖରିଫ ଋତୁରେ ପ୍ରାୟ ୧୧.୪୦ ହଜାର ହେକ୍ଟର ଜମିରେ ଚିନାବାଦାମ ଫସଲ ଚାଷ କରାଯାଇଥାଏ । ଚିନାବାଦାମ ଫସଲ ଆମ ଜିଲ୍ଲା ତଥା ରାଜ୍ୟର ଏକ ପ୍ରମୁଖ ତୈଳବୀଜ ଫସଲ ଭାବେ ଆଦୃତ ହୋଇପାରିଛି । ମୁଖ୍ୟତଃ ଚିନାବାଦାମ ଫସଲ ପାଇଁ ଉନ୍ନତ ମାନର ବିହନର ଉପଲବ୍ଧତା ଏକ ମୁଖ୍ୟ ସମସ୍ୟା ତତ୍‌ସହିତ ପାରମ୍ପରିକ ପଦ୍ଧତିରେ ଚାଷ କରିବା ଦ୍ୱାରା ଚାଷୀ ଭାଇ ମାନେ ଆଶାତୀତ ଅମଳ ପାଇନଥାନ୍ତି । ଆମ ଜିଲ୍ଲାର ଖରିଫ ଋତୁରେ ଚିନାବାଦାମ ଫସଲର ହାରାହାରି ଅମଳ ରାଜ୍ୟର ହାରାହାରି ଅମଳ ଠାରୁ ଯଥେଷ୍ଟ କମ୍ ।




ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବିଭିନ୍ନ ଗ୍ରାମରେ ଯଥା ମଳାସପଦର(ଭଞ୍ଜନଗର), ଖାରିଗୁଡା(ସୋରଡା) ଓ ପଂଚଭୂତି (ଜଗନ୍ନାଥପ୍ରସାଦ) ଠାରେ ୪୦ ହେକ୍ଟର ଜମିରେ ପୁଞ୍ଜ ପ୍ରଦର୍ଶନ କରାଯାଇଥିଲା । ଏହି ପ୍ରଦର୍ଶନରେ ଚାଷୀମାନଙ୍କୁ ଉନ୍ନତ ଚିନାବାଦାମ କିସମ (ଦେବୀ), ବିହନ ବିଶୋଧନ କଲଚର୍-ରାଇଜୋବିୟମ ଯୋଗାଇଆଯିବା ସହିତ ଉନ୍ନତ ଜ୍ଞାନ କୌଶଳ ସମ୍ବନ୍ଧରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଚାଷୀ ଭାଇମାନେ ଏହି କିସମରୁ ପ୍ରାୟ ୨୧ ପ୍ରତିଶତ ଅଧିକ ଅମଳ ପାଇଥିଲେ ଓ ନିକଟସ୍ଥ ଗ୍ରାମ ଗୁଡିକରେ ଏହି ଉନ୍ନତ କିସମର ବିହନକୁ ବିକ୍ରୟ କରି ବେଶ୍ ଲାଭବାନ୍ ହୋଇଛନ୍ତି । ଏହା ସହିତ ଖାରିଗୁଡା ଗ୍ରାମରେ ଏକ କ୍ଷେତ୍ର ଦିବସର ଆୟୋଜନ କରାଯାଇଥିଲା । ଏଥିରେ ସୋରଡା ବ୍ଲକ୍‌ର ସହକାରୀ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ବୃନ୍ଦ ଓ ଆଖପାଖ ଗ୍ରାମର ଅନେକ ଚାଷୀ ଭାଇ ଭଉଣୀମାନେ ଯୋଗ ଦେଇ ଏହି ଉନ୍ନତ କିସମର ଲାଭ ସମ୍ବନ୍ଧରେ ଅବଗତ ହୋଇଥିଲେ ଓ ଚଳିତ ରବି ଋତୁରେ ଏହି କିସମକୁ ବ୍ୟବହାର କରି ଲାଭପାଇବ ପାଇଁ ଆଶା ରଖିଛନ୍ତି ।

## କୃଷି ବିଜ୍ଞାନ କେନ୍ଦ୍ର ମାଧ୍ୟମରେ ଓୟୁଏଟି ଚତୁର୍ଥ ବର୍ଷ କୃଷି ସ୍ନାତକ ଛାତ୍ରଙ୍କର ଗ୍ରାମୀଣ କୃଷି ଅଭିଜ୍ଞତା

ଏହି କାର୍ଯ୍ୟକ୍ରମରେ ଓୟୁଏଟିର ୨୨ ଜଣ ଛାତ୍ର କୃଷି ବିଜ୍ଞାନ କେନ୍ଦ୍ର ଭଞ୍ଜନଗରରେ ୫୬ ଦିନ ରହି ଚାଷୀମାନଙ୍କ ର ବିଭିନ୍ନ ସମସ୍ୟା ଉପରେ ଗବେଷଣା କରିଥିଲେ ଏହା ସହ ଚାଷୀ



ମାନଙ୍କର ଆର୍ଥିକ ସ୍ଥିତି ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ପ୍ରକଳ୍ପ ପ୍ରସ୍ତୁତ କରିଥିଲେ । ଏହି କାର୍ଯ୍ୟକ୍ରମଟି ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ସହଯୋଗୀ ପ୍ରାଧ୍ୟାପକ ଡଃ ଆର୍ଯ୍ୟକୁମାର ବିଶ୍ୱମୋହନ ମହାପାତ୍ର ଓ ଡଃ ପ୍ରଶାନ୍ତ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ଓ ଏଥିରେ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ସହଯୋଗ କରିଥିଲେ । ଛାତ୍ରମାନେ କୃଷି ବିଜ୍ଞାନ କେନ୍ଦ୍ରର ପୋଷ୍ୟ ଗ୍ରାମ ପାଟୁଳୀସାହି ପରିଦର୍ଶନରେ ଯାଇ ଚାଷିମାନଙ୍କ ସହିତ ବିଭିନ୍ନ କୃଷି ଓ ଆନୁଷଙ୍ଗିକ ଜ୍ଞାନକୌଶଳ ବିଷୟରେ ଆଲୋଚନା କରିଥିଲେ ।

## କୃଷିଜୀବୀ ମହିଳା ଦିବସ

କୃଷି ବିଜ୍ଞାନ କେନ୍ଦ୍ର, ଭଞ୍ଜନଗର ତରଫରୁ ଗତ ୨୦୧୭ ମସିହା ଡିସେମ୍ବର ମାସ ୪ ତାରିଖରେ ପୋଷ୍ୟଗ୍ରାମ ଲେପା ଠାରେ କୃଷିଜୀବୀ ମହିଳା ଦିବସ ପାଳିତ ହୋଇଯାଇଛି । ଉପସ୍ଥିତ ଥିବା ୫୦ରୁ ଉର୍ଦ୍ଧ୍ୱ କୃଷିଜୀବୀ ମହିଳାମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନେ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ କୃଷିଜୀବୀ ମହିଳାମାନଙ୍କ ପାଇଁ ଉଦ୍ଭାବିତ ବିଭିନ୍ନ ଶ୍ରମ ଲାଘବ



କୃଷି ଯନ୍ତ୍ରପାତି ବିଷୟରେ ତଥ୍ୟ ପ୍ରଦାନ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମାନେ କୃଷିଜୀବୀ ମହିଳା ମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଙ୍ଗଠିତ ହୋଇ ବିଭିନ୍ନ ଧନ୍ଦାମୂଳକ ରୋଜଗାର ପନ୍ଥା ଆପଣେଇବାକୁ ପ୍ରବର୍ତ୍ତାଇ ଥିଲେ ।

ଋଷିକୁଲ୍ୟା

## ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଚକଡା ପୋକ ଆକ୍ରାନ୍ତ କ୍ଷେତ୍ର ପରିଦର୍ଶନ

ଚଳିତ ବର୍ଷ ଅକ୍ଟୋବର ମାସରେ ଗଞ୍ଜାମ ଜିଲ୍ଲାର ପ୍ରାୟ ୬୦୦ହେ. ଜମିରେ ଚକଡା ପୋକ ଆକ୍ରାନ୍ତ ଯୋଗୁଁ ଚାଷୀ ମାନଙ୍କର ପ୍ରଭୁତ କ୍ଷତି ହୋଇଥିଲା । ଅସ୍ୱାଭାବିକ ପାଣିପାଗ ପରିସ୍ଥିତି ଓ ଚାଷୀମାନଙ୍କ ମଧ୍ୟରେ ସଚେତନତା ଅଭାବରୁ ଏହି ପୋକ ଅଧିକ କ୍ଷୟକ୍ଷତି କରିଥିବା ଜଣାପଡିଥିଲା । ଧାନ କିସମ ଯଥା- ସ୍ୱର୍ଣ୍ଣ ସବ୍-୧, ଶ୍ୟାମା ମସୁରୀ, ଓ ଆର.ଜି.ଏଲ୍ ଏହି ପୋକ ଦ୍ୱାରା ଅଧିକ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା । ଏହି ପରିପେକ୍ଷୀରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ନଭେମ୍ବର ୧୧ ତାରିଖ, ୨୦୧୭ ରେ ଗଞ୍ଜାମ ଜିଲ୍ଲାର ଚକଡା ପୋକ ଆକ୍ରାନ୍ତ



ବିଭିନ୍ନ ଗ୍ରାମ ଯଥା- ଧରାକୋଟ ବ୍ଲକର ଧରାକୋଟ, କୁସଗୁମା ଏବଂ ସୋରଡା ବ୍ଲକର ସୁରମଣି, ରାଇବନ୍ଧ, ଗାଙ୍ଗପୁର ପ୍ରଭୃତି ପରିଦର୍ଶନ କରିବା ସହିତ ବିଭିନ୍ନ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ଚାଷୀମାନଙ୍କ କ୍ଷୟକ୍ଷତି ଭରଣ ପାଇଁ ସରକାରଙ୍କ ଦ୍ୱାରା ଘୋଷିତ ବିଭିନ୍ନ ସହାୟତା ସମ୍ବନ୍ଧରେ ମାନ୍ୟବର କୁଳପତି ଚାଷୀମାନଙ୍କୁ ଅବଗତ କରାଇଥିଲେ ତତ୍ ସହିତ ଖରିଫ ଫସଲ କ୍ଷୟକ୍ଷତିରେ ନିରାଶ ନହୋଇ ରବି ଫସଲ ଖସଡା ପ୍ରସ୍ତୁତ କରିବାକୁ ଚାଷୀ ମାନଙ୍କୁ ପରାମର୍ଶ ଦେଇଥିଲେ । ପରିଦର୍ଶନ ସମୟରେ ଆସ୍କାର ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଲକ୍ଷ୍ମୀକାନ୍ତ ଶତପଥି, ଧରାକୋଟର ସହକାରୀ କୃଷି ଅଧିକାରୀ ଶ୍ରୀ ତାପସ ପଣ୍ଡା ଓ ଧରାକୋଟ ତହସିଲଦାର ଦେବେନ୍ଦ୍ର ସାହୁ ଏବଂ ସୋରଡା ବ୍ଲକର ସହକାରୀ କୃଷି ଅଧିକାରୀ ଶ୍ରୀ ରାଜକିଶୋର ସ୍ୱାଇଁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଶ୍ରୀ ଲଳିତ କୁମାର ମହାନ୍ତିଙ୍କ ସହ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଉପସ୍ଥିତ ଥିଲେ ।

## ବିଶ୍ୱ ଖାଦ୍ୟ ଦିବସ ପାଳନ

କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ବେଲଗୁଣ୍ଠା ବ୍ଲକ ଅର୍ନ୍ତଗତ ଧୂମୁଛାଇ ଗ୍ରାମ ଠାରେ ବିଶ୍ୱ ଖାଦ୍ୟ ଦିବସ ତା. ୧୬.୧୦.୨୦୧୭ ରିଖରେ ପାଳିତ ହୋଇଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାର କୃଷି ଅଧିକାରୀ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଯୋଗଦେଇ ଚାଷୀ ମାନଙ୍କର କୃଷି ଉତ୍ପାଦନ ବୃଦ୍ଧି ପାଇଁ ପ୍ରେରଣା ଦେବା ସହ କୃଷି ଭାଇ ଭଉଣୀ ମାନଙ୍କୁ ଚାଷରେ ନୂତନ ଜ୍ଞାନ କୌଶଳ ବିଷୟରେ ପ୍ରବର୍ତ୍ତାଇ ଥିଲେ । ଏଥିରେ ପ୍ରାୟ



ଆଖପାଖ ଗ୍ରାମର ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଋଷୀଭାଇ ଓ ଭଉଣୀମାନେ ଯୋଗ ଦେଇଥିଲେ । କେନ୍ଦ୍ରର ବୈଜ୍ଞାନିକଙ୍କ ଦ୍ୱାରା ଉନ୍ନତ ଜ୍ଞାନ କୌଶଳ ଦ୍ୱାରା ସ୍ୱଳ୍ପ ଜମିରୁ କିପରି ଅଧିକ ଅମଳ ପାଇ ହେବ ତା ବିଷୟରେ ଆଲୋକପାତ କରାଯାଇଥିଲା । ଅମଳ ପରବର୍ତ୍ତି ଯତ୍ନ ଓ ବିଭିନ୍ନ ପରିବା ଓ ଫଳର ସଂରକ୍ଷଣ ଉପରେ ମଧ୍ୟ ଋଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଇଥିଲା ।